**ଥାଇ ୟୁନିଅନ୍ ଗ୍ରୁପ୍**
**ବ୍ୟବସାୟର ନୈତିକ ମୂଲ୍ୟବୋଧ ଓ ଶ୍ରମିକଙ୍କର ଆଚରଣ ସଂହିତା**
**ଆମ ଯୋଗାଣକାରୀଙ୍କ ସହଭାଗିତାରେ କାର୍ଯ୍ୟ କରିବା**

## ଉପକ୍ରମ

ସାର୍ବଜନୀନ ମାନବୀୟ ଅଧିକାର ପ୍ରତି ସମ୍ମାନ ଜଣାଇ ଥାଇ ୟୁନିଅନ୍ ଫ୍ରୋଜେନ୍ ପ୍ରଡକ୍ଟସ ପବ୍ଲିକ୍ କମ୍ପାନୀ ଲିମିଟେଡ ଏବଂ ଏହାର ଗୌଣ ଅନୁଷ୍ଠାନବୃନ୍ଦଙ୍କୁ, ବର୍ତ୍ତମାନଠାରୁ ଥାଇ ୟୁନିଅନ୍ ଗ୍ରୁପ୍ ଭାବରେ ଅଭିହିତ କରାଯିବ, ଯାହାକି ସମସ୍ତ କର୍ମଚାରୀ/ଶ୍ରମିକମାନଙ୍କୁ ସୁରକ୍ଷିତ ଓ ନିରପେକ୍ଷ ଆଚରଣ ପ୍ରଦାନ ପାଇଁ ପ୍ରୟାସରତ।

ଏହା ହାସଲ କରିବା ପାଇଁ ଆମ ଯୋଗାଣକାରୀ ଆମକୁ ଯଥାସମ୍ଭବ ଆହରଣରେ ସହାୟତା କରିଥାନ୍ତି। ଆମ୍ଭେମାନେ ସମାନ ନୀତି ପ୍ରୟୋଗ କରିଥାଉ ଏବଂ ଆମର ଯୋଗାଣକାରୀମାନେ ଆମର କମ୍ପାନୀ ଭାବରେ ଚିହ୍ନିତ ହୋଇଥାନ୍ତି। ଏହି ଆଚରଣ ସଂହିତା ଆମେ ବର୍ତ୍ତମାନ ତଥା ଭବିଷ୍ୟତରେ ଆମ ଯୋଗାଣକାରୀଙ୍କଠାରୁ କଣ ଚାହୁଁ ତାହା ସେମାନଙ୍କୁ ଜଣାଇ ଦେବା ପାଇଁ ଏକ ମାଧ୍ୟମ।

ଥାଇ ୟୁନିଅନ୍ ଗ୍ରୁପ୍ର ଆଚରଣ ସଂହିତାରେ ଆମର ବ୍ୟବସାୟ ପରିଚାଳନା ପ୍ରତି ରହିଥିବା ନିଷ୍ଠା, ଅଖଣ୍ଡତା, ସ୍ୱଚ୍ଛତା ଏବଂ ସାର୍ବଜନୀନ ମାନବୀୟ ଅଧିକାର ପ୍ରତି ସମ୍ମାନ ଓ ପରିଚାଳନା ବ୍ୟାପି ମୁଖ୍ୟ ଶ୍ରମିକ ନୀତିକୁ ନେଇ ଗଠିତ। ଏହି ଆଚରଣ ସଂହିତା ଏକ ଢ଼ାଞ୍ଚା ପ୍ରଦାନ କରେ, ଯାହା ମାଧ୍ୟମରେ ଆମେ ଆମର ଦାୟିତ୍ୱବାନ ଆହରଣ ଲକ୍ଷ୍ୟ ଓ ପ୍ରୟାସ ଧାର୍ଯ୍ୟ କରିଥାଉ। କେବଳ ଯେଉଁ ଯୋଗାଣକାରୀମାନେ ଆମ ପରି ମୂଲ୍ୟବୋଧ ଆଚରଣ କରିଥାନ୍ତି ଏବଂ ଆମ ଆଚରଣ ସଂହିତା ଅନୁଯାୟୀ କାର୍ଯ୍ୟ କରିଥାନ୍ତି, ଆମେ ତାଙ୍କ ସହିତ କାର୍ଯ୍ୟ କରିଥାଉ। ସେମାନେ ମଧ୍ୟ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ, କୌଣସି ତ୍ରୁଟି ଥିଲେ ସଂଶୋଧନ କରିବା ପାଇଁ ଏବଂ କ୍ରମାଗତ ଭାବରେ ମୌଳିକ ନୀତିରେ ଉନ୍ନତି ଆଣିବା ପାଇଁ ସମ୍ମତ ହେବା ଆବଶ୍ୟକ, ଯାହାକି ଏହି ନୀତିର ମୌଳିକ ଆଧାର ସୃଷ୍ଟି କରିଥାଏ।

ଆମର ଆଚରଣ ସଂହିତା ମୌଳିକ ନୀତିର ପ୍ରତିଟି ଅଂଶର ଆବଶ୍ୟକତା ନିର୍ଦ୍ଧାରଣ କରିଥାଏ ଓ ମାନଦଣ୍ଡ ପ୍ରଦାନ କରିଥାଏ।

## ମୌଳିକ ନୀତିଗୁଡିକ

ଥାଇ ୟୁନିଅନ୍ ଗ୍ରୁପ୍ ବ୍ୟାପି ଆମ୍ଭେମାନେ ଧାରଣଯୋଗ୍ୟ ଅଭିବୃଦ୍ଧି ପାଇଁ ଆମେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ସୋର୍ସିଂ ବା ଆହରଣ ପାଇଁ ଦାୟୀ ହୋଇଥାଉ ଏବଂ ଏ କ୍ଷେତ୍ରରେ ଆମେ ଏକ ଅଗ୍ରଣୀ ମାନଦଣ୍ଡ ଶିଳ୍ପ କ୍ଷେତ୍ରରେ ନିର୍ଦ୍ଧାରଣ କରିଛୁ। ଆମ୍ଭେମାନେ ଆମ ବ୍ୟବସାୟର ପ୍ରତିଟି ଉପାଦାନରେ ଏହି ମାନାଙ୍କଗୁଡିକୁ ବିଭିନ୍ନ ସ୍ଥାନରେ ଅନୁସରଣ କରୁଛୁ ଏବଂ ଆମ୍ଭେମାନେ ଆମର

ଯୋଗାଣକାରୀମାନଙ୍କୁ ମଧ୍ୟ ଏହିପରି ବଳିଷ୍ଠ ଧାରଣଯୋଗ୍ୟ ନୀତି ହାସଲ କରିବା ପାଇଁ ଆମନ୍ତ୍ରଣ କରିବାକୁ ଚାହୁଁ। ଆମ୍ଭେମାନେ ୟୁଏନ ଗ୍ଲୋବାଲ କମ୍ପାକ୍ଟର ସଦସ୍ୟ ଏବଂ ଆମ୍ଭେ ୧୦ଟି ସାର୍ବଜନୀନ ନୀତିର ପ୍ରଚଳନ, ପ୍ରକାଶ ଓ ପ୍ରସାର ପାଇଁ ପ୍ରତିଶ୍ରୁତିବଦ୍ଧ।

ଯେଉଁ ମୌଳିକ ନୀତିଗୁଡିକ ଆମ ଆଚରଣ ସଂହିତାର ମୂଳ ଆଧାର ସେସବୁ ଆନ୍ତର୍ଜାତୀୟ ସ୍ତରରେ ଅନୁମୋଦିତ ମାନାଙ୍କ ଏବଂ ସେଗୁଡିକ ଆମର ବିଭିନ୍ନ କାର୍ଯ୍ୟ ପରିଚାଳନାରେ ନିହିତ ରହିଛି।

---

[1] www.unglobalcompact.org

1. ବ୍ୟବସାୟ ନିୟମ ସମ୍ମତ ଭାବରେ ଏବଂ ଅଖଣ୍ଡତାର ସହିତ ପରିଚାଳନା କରାଯାଉଛି।
2. କାର୍ଯ୍ୟ ମୁକ୍ତ ଭାବରେ ସମ୍ମତ ହେବା ଅନୁଯାୟୀ କରାଯାଉଛି ଏବଂ ଆଇନ ଅନୁଯାୟୀ ସୁସଂଗତ ନିଯୁକ୍ତି ସର୍ତ୍ତାବଳୀ ଦଲିଲଭୁକ୍ତ କରାଯାଇଛି।
3. ସମସ୍ତ କର୍ମଚାରୀଙ୍କୁ ସମାନ ଦୃଷ୍ଟିରେ ଦେଖାଯାଏ ଓ ସମାନ ସମ୍ମାନ ତଥା ଗୁରୁତ୍ୱ ଦିଆଯାଏ।
4. କାର୍ଯ୍ୟ ସ୍ୱେଚ୍ଛାକୃତ ଭାବରେ କରାଯାଇଥାଏ ଏବଂ କୌଣସି ପ୍ରକାରରେ ବଳ ପ୍ରୟୋଗ କରି କିମ୍ବା ବାଧ୍ୟବାଧକତାରେ ଶ୍ରମିକ କାମ କରନ୍ତି ନାହିଁ।
5. ସମସ୍ତ କର୍ମଚାରୀ ଉପଯୁକ୍ତ ବୟସର ହେବା ଆବଶ୍ୟକ।
6. ସମସ୍ତ ଶ୍ରମିକଙ୍କୁ ଉପଯୁକ୍ତ ମଜୁରୀ ଦିଆଯାଏ।
7. ସମସ୍ତ ଶ୍ରମିକଙ୍କ ପାଇଁ ଯଥାର୍ଥ କାର୍ଯ୍ୟ ନିର୍ଘଣ୍ଟ ରହିଛି।
8. ସମସ୍ତ କର୍ମଚାରୀ ନିଜର ଟ୍ରେଡ୍ ୟୁନିଅନ୍‌ରେ ଯୋଗ ଦେବା ଏବଂ ଗଠନ କରିବା ଏବଂ ଆଇନ ଅନୁଯାୟୀ ମିଳିତ ଭାବରେ ଦାବି ଉପସ୍ଥାପନ କରିବା ପାଇଁ ମୁକ୍ତ।
9. କାର୍ଯ୍ୟସ୍ଥଳରେ ଶ୍ରମିକଙ୍କର ସ୍ୱାସ୍ଥ୍ୟ ଓ ନିରାପତ୍ତା ସୁରକ୍ଷିତ ରଖାଯାଇଥାଏ।
10. ଶ୍ରମିକମାନେ ନିରାପେକ୍ଷ ପଦ୍ଧତି ଦେଇ ଗତି କରିଥାନ୍ତି।
11. ବ୍ୟବସାୟ ଏପରି ଭାବରେ ପରିଚାଳନା କରାଯାଏ ଯାହାଫଳରେ ଏହା ଧାରଣଯୋଗ୍ୟ ହୋଇଥାଏ ଓ ପରିବେଶ ଉପରେ କ୍ଷତିକାରକ ପ୍ରଭାବ କମ୍ ରହିଥାଏ।
12. ଅଗ୍ରଗତି ଓ ସୁସଙ୍ଗତ ତତ୍ତ୍ୱାବଧାନ କରିବା

## ପ୍ରଚଳନ ପାଇଁ ନିର୍ଦ୍ଦେଶନାମା

ଥାଇ ୟୁନିଅନ୍ ଗ୍ରୁପ୍ ଅତ୍ୟନ୍ତ ସାଧୁତାର ସହ ଓ ଅନ୍ୟମାନଙ୍କୁ ସମ୍ମାନ ପ୍ରଦର୍ଶନ କରି ବ୍ୟବସାୟ କରିବା ପାଇଁ ପ୍ରୟାସରତ। ଆମର ସୁନାମ ହେଉଛି ଆମର ସମ୍ପତି, ଏହା ଆମର ବ୍ୟକ୍ତି ଓ ଆମର ବ୍ରାଣ୍ଡ୍ ପରି ମୂଲ୍ୟବାନ। ଆମେ ଆମର ସମସ୍ତ କର୍ମଚାରୀଙ୍କଠାରୁ, ଯେଉଁମାନେ ଆମ

ସହିତ ବ୍ୟବସାୟ କରୁଛନ୍ତି, ସେମାନଙ୍କ ଠାରୁ ସର୍ବୋଚ୍ଚ ମାନର ଆଚରଣ ଆଶା କରୁଛୁ। ଯୋଗାଣକାରୀ ହେବା ଦ୍ୱାରା, ଆପଣ କହୁଛନ୍ତି ଯେ ଆପଣ ମଧ୍ୟ ଆମ ପରି ମୌଳିକ ନୀତି ଅନୁସରଣ କରନ୍ତି।

## A. ଥାଇ ୟୁନିଅନ୍ ଗ୍ରୁପ୍ରେ ବ୍ୟବସାୟ କରିବା ପାଇଁ ବାଧ୍ୟତାମୂଳକ ଆବଶ୍ୟକତାଗୁଡିକ

ଏହି ବିଭାଗରେ, ଆମ୍ଭେମାନେ ଥାଇ ୟୁନିଅନ୍ ଗ୍ରୁପ୍ ସହିତ ଏକ ବ୍ୟାବସାୟିକ ସମ୍ପର୍କ ବଜାୟ ରଖିବା ପାଇଁ ଏବଂ ପ୍ରତିଷ୍ଠା କରିବା ପାଇଁ ଆମର ଯୋଗାଣକାରୀଙ୍କ ନିମନ୍ତେ ବାଧ୍ୟତାମୂଳକ ଆବଶ୍ୟକତାଗୁଡିକ ବର୍ଣ୍ଣନା କରୁଛୁ।

ଆମେ ଆବଶ୍ୟକ କରୁଛୁ ଯେ ସମସ୍ତ ଯୋଗାଣକାରୀ ଯେଉଁମାନେ ଥାଇ ୟୁନିଅନ୍ ଗ୍ରୁପ୍ ସହିତ ବା ପାଇଁ କାର୍ଯ୍ୟ କରନ୍ତି ସେମାନେ ଏହି ବାଧ୍ୟତାମୂଳକ ଆବଶ୍ୟକତା ସହିତ ସୁସଙ୍ଗତ ସମସ୍ତ କାର୍ଯ୍ୟରେ ସୁନିଶ୍ଚିତ କରିବା, ତଥା ପାଳନ କରିବା ଆବଶ୍ୟକ:

1. ଆଇନ ସମ୍ମତ ଭାବରେ ଏବଂ ଅଖଣ୍ଡତାର ସହିତ ବ୍ୟବସାୟ ପରିଚାଳନା କରାଯାଇଥାଏ:

ଲାଞ୍ଚ ଦେବା

କୌଣସି ପ୍ରକାରର ଏବଂ କୌଣସି ଉପାୟରେ ଲାଞ୍ଚ ଦେବା, ଦୁର୍ନୀତି, ବଳପ୍ରୟୋଗ କିମ୍ବା ଦମନମୂଳକ କାର୍ଯ୍ୟ ନିଷେଧ ଏବଂ ଯୋଗାଣକାରୀଙ୍କ ଦ୍ୱାରା କରାଯାଉଥିବା ସମସ୍ତ ବାଣିଜ୍ୟ କାର୍ଯ୍ୟକଳାପରେ ଲାଞ୍ଚ ଏଡ଼ାଇବା ପାଇଁ ଯଥେଷ୍ଟ ପଦ୍ଧତି ସ୍ଥାପନ କରାଯାଇଛି।

ସ୍ୱାର୍ଥରେ ଦ୍ୱନ୍ଦ୍ୱ

ଥାଇ ୟୁନିଅନ୍ ଗ୍ରୁପ୍ ସହିତ କୌଣସି ବ୍ୟବସାୟ କାରବାରରେ କୌଣସି ସ୍ୱାର୍ଥହାନୀ ହେଉଥିଲେ, ଯେଉଁ ବିଷୟରେ ଯୋଗାଣକାରୀ ସଚେତନ ଥାଆନ୍ତି ସେ ଥାଇ ୟୁନିଅନ୍ ଗ୍ରୁପ୍ ନିକଟରେ ଘୋଷଣା କରିବେ, ଯାହା ଫଳରେ ଆମେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବୁ। କୌଣସି ଯୋଗାଣକାରୀଙ୍କ ବ୍ୟବସାୟରେ ସରକାରୀ ଅଧିକାରୀଙ୍କ କିମ୍ବା ରାଜନୈତିକ ଦଳର ପ୍ରତିନିଧିଙ୍କର କିମ୍ବା ଥାଇ ୟୁନିଅନ୍ ଗ୍ରୁପ୍ର କର୍ମଚାରୀଙ୍କର ମାଲିକାନା କିମ୍ବା ସ୍ୱାର୍ଥ ରହିଥିବା ଘଟଣାରେ ଆଗୁଆ ଥାଇ ୟୁନିଅନ୍ ଗ୍ରୁପ୍ ସହିତ କୌଣସି ବ୍ୟବସାୟ ସମ୍ପର୍କରେ ଥାଇ ୟୁନିଅନ୍ ଗ୍ରୁପ୍ ପ୍ରବେଶ କରିବା ପୂର୍ବରୁ ଘୋଷଣା କରାଯାଇଥାଏ।

**ଉପହାର, ଆତିଥ୍ୟ ଏବଂ ମନୋରଞ୍ଜନ**

ଯେ କୌଣସି ବ୍ୟାବସାୟିକ ମନୋରଞ୍ଜନ ଏବଂ ଆତିଥ୍ୟ ଥାଇ ୟୁନିଅନ୍ ଗ୍ରୁପ୍ ପାଇଁ ଯଥାର୍ଥ ପ୍ରକୃତିର ହୋଇଥାଏ, ଏହା ସମ୍ପୂର୍ଣ୍ଣ ଭାବରେ ଉତ୍ତମ ବ୍ୟାବସାୟିକ ସମ୍ପର୍କ ବଜାୟ ରଖିବା ପାଇଁ ହୋଇଥାଏ ଏବଂ କୌଣସି ପ୍ରକାରେ ଥାଇ ୟୁନଅନ୍ ଗ୍ରୁପ୍ର ଭବିଷ୍ୟତ ବ୍ୟବସାୟରେ ଥାଇ ୟୁନିଅନ୍ ଗ୍ରୁପ୍ କିପରି ପୁରସ୍କାର ଦେଇଥାଏ ସେହି ନିଷ୍ପତ୍ତିକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ହୋଇନଥାଏ। ଯୋଗାଣକାରୀ କର୍ମଚାରୀ ଏବଂ ଥାଇ ୟୁନିଅନ୍ ଗ୍ରୁପ୍ର କର୍ମଚାରୀଙ୍କ ମଧ୍ୟରେ ଉପହାର ଆଦାନ ପ୍ରଦାନ ଏଡ଼ାଇ ଦିଆଯାଇଥାଏ। ବିଧିବଦ୍ଧ ଭାବରେ କମ୍ପାନୀ ଠାରୁ କମ୍ପାନୀକୁ ଉପହାର ଆଦାନ ପ୍ରଦାନ ଗ୍ରହଣୀୟ ହୋଇଥାଏ ଏବଂ ଏହା ସ୍ୱଚ୍ଛ ହେବା ତଥା ସଠିକ୍ ଭାବରେ ରେକର୍ଡ କରାଯିବା ଆବଶ୍ୟକ।

**ପ୍ରତିଯୋଗିତା ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କର ସୂଚନା**

ଥାଇ ୟୁନିଅନ୍ ଗ୍ରୁପ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ବିଷୟରେ ସମସ୍ତ ସୂଚନା ବୈଧାନିକ ଉପାୟରେ ହାସଲ କରାଯାଇଥାଏ ଏବଂ ଏହା କେବଳ ଯଥାର୍ଥ ଭରସା ହାନିକାରୀ ଓ ଅନ୍ୟାନ୍ୟ ନୀତି ନିୟମ ସହ ସୁସଙ୍ଗତ ଅନୁଯାୟୀ ଆଇନଗତ ଭାବରେ ବ୍ୟବହାର କରାଯିବ। କୌଣସି ସମୟରେ କୌଣସି ପ୍ରକାରେ ଥାଇ ୟୁନିଅନ୍ ଗ୍ରୁପ୍ କୌଣସି ସୂଚନା ଥାଇ ୟୁନିଅନ୍ ଗ୍ରୁପ୍‌ର ପ୍ରତିଦ୍ୱନ୍ଦ୍ୱୀଙ୍କ ବିଷୟରେ ଯାହାକି ଗୋପନୀୟ ହୋଇଥାଏ ସେମାନଙ୍କୁ କିମ୍ବା ସାର୍ବଜନୀନ ଡୋମେନରେ ପ୍ରକାଶ କରିବ ନାହିଁ।

**ଆର୍ଥିକ ରେକର୍ଡ, ଟଙ୍କା ସମ୍ପ୍ରସାରଣ ଏବଂ ଆଭ୍ୟନ୍ତରୀଣ କାରବାର**

ସମସ୍ତ ବ୍ୟବସାୟ ଓ ବାଣିଜ୍ୟ କାରବାର ସ୍ୱଚ୍ଛତାର ସହ କରାଯାଇଥାଏ ଏବଂ ସଠିକ୍ ଭାବରେ ଯୋଗାଣକାରୀଙ୍କ ବହି ଓ ରେକର୍ଡରେ ଟିପି ରଖାଯାଇଥାଏ। ଟଙ୍କା ସଞ୍ଚାଳନ ବା ମନି ଲଣ୍ଡରିଂରେ ପ୍ରବେଶ କରିବା ପାଇଁ ଉଦ୍ୟମ କରାଯାଇନଥାଏ ବା ପ୍ରକୃତରେ କରାଯାଇନଥାଏ। ଥାଇ ୟୁନିଅନ୍ ଗ୍ରୁପ୍ ବିଷୟରେ ଯୋଗାଣକାରୀଙ୍କ ନିକଟରେ ରହିଥିବା କୌଣସି ଗୋପନୀୟ ସୂଚନା ଆଭ୍ୟନ୍ତରୀଣ କାରବାରରେ ସହଯୋଗ ପାଇଁ କିମ୍ବା ବ୍ୟବହାର ପାଇଁ ବ୍ୟବହାର ହୋଇନଥାଏ।

**ସୂଚନା ଓ ସମ୍ପତ୍ତି ସୁରକ୍ଷିତ ରଖିବା**

ୟୁନିଅନ୍ ଗ୍ରୁପ୍‌ର ଗୋପନୀୟ ସୂଚନା, ଜ୍ଞାନ ଏବଂ ନୈତିକ ସମ୍ପତ୍ତିକୁ ସମ୍ମାନ ଦିଆଯାଇଥାଏ ଓ ତାହାର ସୁରକ୍ଷା କରାଯାଇଥାଏ। ଥାଇ ୟୁନିଅନ୍ ଗ୍ରୁପ୍ ଦ୍ୱାରା ଦିଆଯାଇଥିବା ସମସ୍ତ ସୂଚନା କେବଳ ଉଦ୍ଦିଷ୍ଟ ଓ ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ। କୌଣସି ବ୍ୟକ୍ତିଙ୍କ ବିଷୟରେ ସମସ୍ତ କିମ୍ବା କୌଣସି ବ୍ୟକ୍ତିଗତ ସୂଚନା ଯେପରିକି ଥାଇ ୟୁନିଅନ୍ ଗ୍ରୁପ୍‌ର ଉପଭୋକ୍ତା ଏବଂ କର୍ମଚାରୀମାନଙ୍କ ସୂଚନାଙ୍କ ସୂଚନା ପ୍ରତି ସେମାନଙ୍କ ଗୋପନୀୟତାର ସୁରକ୍ଷା ପ୍ରତି ଯଥାର୍ଥ ସମ୍ମାନ ସହିତ ଏବଂ ସମସ୍ତ ଯଥାର୍ଥ ଗୋପନୀୟତା ନୀତି ଓ ନିୟମ ଅନୁଯାୟୀ ପରିଚାଳନା କରାଯାଇଥାଏ।

**ଉତ୍ପାଦ ଗୁଣାତ୍ମକ ମାନ ଓ ଦାୟିତ୍ୱପୂର୍ଣ୍ଣତା ଅଭିନବତା**

ଉତ୍ପାଦ ଓ ସେବା ଯଥାର୍ଥ ଚୁକ୍ତି ରାଜିନାମା ଦଲିଲରେ ନିର୍ଦ୍ଧାରଣ କରାଯାଇଥିବା ନିରାପତ୍ତା ମାନଦଣ୍ଡ ଏବଂ ଗୁଣାତ୍ମକ ମାନ ଓ ନିର୍ଦ୍ଧାରଣ ପୂରଣ କରି ଯୋଗାଇ ଦିଆଯାଇଥାଏ ଏବଂ ଏଗୁଡିକ ଉଦ୍ଦିଷ୍ଟ ବ୍ୟବହାର ପାଇଁ ନିରାପଦ ହୋଇଥାଏ। ଦାୟିତ୍ୱର ସହ ଗବେଷଣା ଓ ବିକାଶ କାର୍ଯ୍ୟ ପରିଚାଳନା କରାଯାଇଥାଏ ଓ ଏଗୁଡିକ ଉନ୍ନତ ନୌଦାନିକ ବିଧି ଉପରେ ଆଧାରିତ ହୋଇଥାଏ ଓ ସାଧାରଣତଃ ବିଜ୍ଞାନ ସମ୍ମତ, ଜ୍ଞାନକୌଶଳଯୁକ୍ତ ଓ ନୈତିକ ନୀତି ଉପରେ ଆଧାରିତ ହୋଇଥାଏ।

**ଆଇନର ଅନୁପାଳନ**

ଯୋଗାଣକାରୀ କାର୍ଯ୍ୟ କରୁଥିବା ଦେଶଗୁଡିକର ସମସ୍ତ ଆଇନ ପାଳନ କରାଯାଇଥାଏ। ଅନ୍ୟ ସମସ୍ତ ଆର୍ନ୍ତଜାତୀୟ ଆଇନ ଓ ନୀତି ତଥା ଆନ୍ତର୍ଜାତୀୟ କାରବାର ସମ୍ପର୍କିତ ନିୟମଗୁଡିକ (ଯେପରିକି ମଞ୍ଜୁରୀ, ରପ୍ତାନୀ ନିୟନ୍ତ୍ରଣ ଓ ଦାୟିତ୍ୱ ରିପୋର୍ଟିଂ ସମ୍ପର୍କିତ ବିଷୟଗୁଡିକ), ତଥ୍ୟ ସୁରକ୍ଷା ଏବଂ ଭରସା ହାନୀ/ ପ୍ରତିଯୋଗିତା ଆଇନ।

ସମସ୍ୟା ଏବଂ ସମ୍ମତି ପାଳନ ନ କରିବା ବିଷୟରେ ରିପୋର୍ଟ କରିବା

କର୍ମଚାରୀମାନେ କେଉଁ ଉପାୟରେ ତାଙ୍କର ଏହି ଆବଶ୍ୟକତା ବିଷୟରେ ସେମାନଙ୍କ ଚିନ୍ତା ବ୍ୟକ୍ତ କରିପାରିବେ ଏବଂ ସମସ୍ତ କର୍ମଚାରୀ ଯେଉଁମାନେ ଏହି ସମସ୍ୟା ବିଷୟରେ କହିଥାନ୍ତି ସେମାନେ କିପରି କୌଣସି କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷିତ ରହିବେ ସେଥିପାଇଁ ଉପାୟ ପ୍ରଦାନ କରିଥାଏ।

1.1 ସ୍ୱଷ୍ଟ ଏବଂ ପ୍ରଭାବଶାଳୀ ନିର୍ଦ୍ଦେଶନାମା ଓ ନୀତି ପ୍ରତିଷ୍ଠା କରାଯାଇଛି, ଯାହାକି ବ୍ୟବସାୟର ଅଖଣ୍ଡତାରୁ ଆଶା କରାଯାଉଥିବା ବିଷୟ ତଥା ଲାଞ୍ଚ ବିରୋଧୀ, ଉପହାର ଏବଂ ଆତିଥ୍ୟ ସମ୍ପର୍କିତ ବିଷୟ ବର୍ଣ୍ଣନା କରେ। ସେଗୁଡିକ ପ୍ରତିଦ୍ୱନ୍ଦ୍ୱିତାରେ ରହିଥିବା ଆଇନ ଓ ସ୍ୱାର୍ଥ ହାନୀ ସହିତ ସୁସଂଗତ ହୋଇଥାଏ।

1.2 ସୁସଙ୍ଗତ ସମସ୍ୟା ପାଇଁ ତାଲିମ୍ ଓ ବିପଦର ଆଶଙ୍କା ପରିଚାଳନାର ବ୍ୟବସ୍ଥା ସ୍ଥାପନ କରାଯାଇଛି। ଅଣସୁସଙ୍ଗତ କାରଣରୁ ମଞ୍ଜୁରୀ ଓ ପ୍ରତିଷେଧକ କାର୍ଯ୍ୟାନୁଷ୍ଠାନ ହୋଇପାରେ।

1.3 ଯଥାର୍ଥ ଆର୍ଥିକ କାରବାର ନୀତି ଏବଂ ପଦ୍ଧତି ବଜାୟ ରଖି ସମସ୍ତ ଆର୍ଥିକ କାରବାରର ଯଥାର୍ଥ ରେକର୍ଡିଂ ବଜାୟ ରଖାଯାଇଥାଏ, ତାହା ସହିତ ସମ୍ଭାବ୍ୟ ମନି ଲଣ୍ଡ୍ରିଂ ବା ଟଙ୍କା ସମ୍ପ୍ରସାରଣ ମଧ୍ୟ ଚିହ୍ନଟ କରିହୁଏ। କୌଣସି ଅଣପ୍ରକାଶିତ କିମ୍ବା ରେକର୍ଡ ହୋଇନଥିବା ଆକାଉଣ୍ଟ, ପାଣ୍ଠି କିମ୍ବା ସମ୍ପତ୍ତି ପ୍ରତିଷ୍ଠିତ ହେବ ଓ ବଜାୟ ରଖାଯିବ।

1.4 ବ୍ୟବସାୟ କିମ୍ବା ଉତ୍ପାଦ ସମ୍ପର୍କିତ ସମସ୍ତ ଗୋପନୀୟ ସୂଚନାର ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ଯଥାର୍ଥ ପଦକ୍ଷେପ ଓ ବ୍ୟବସ୍ଥା କରାଯାଇଛି, ଯାହାକି କେବଳ ଜାଣିବାର ଆବଶ୍ୟକତା ଅନୁଯାୟୀ ସୀମିତ ଅଭିଗମ୍ୟତା ଅଧିକାର ସହିତ ସଂରକ୍ଷିତ ରହିଛି।

1.5 କୌଣସି ଉତ୍ପାଦର ଗୁଣାତ୍ମକ ମାନ ଓ ନିରାପତ୍ତା ସମ୍ପର୍କିତ ଚିନ୍ତା ଯାହାକି ଯୋଗାଣକାରୀଙ୍କଠାରୁ ସୃଷ୍ଟି ହୋଇଥାଏ କିମ୍ବା ଏହାର ଯୋଗାଣ ଶୃଙ୍ଖଳରୁ ସୃଷ୍ଟି ହୋଇଥାଏ ତୁରନ୍ତ ସେ ବିଷୟରେ ଥାଇ ୟୁନିଅନ୍ ଗ୍ରୁପ୍‌କୁ ଜଣାଇବା ପାଇଁ ଯଥାର୍ଥ ପଦ୍ଧତି ସ୍ଥାପନ କରାଯାଇଛି।

1.6 ସମସ୍ତ ପ୍ରଯୁଜ୍ୟ ନୀତି ଓ ନିୟମ ସମସ୍ତ ଯୋଗାଣକାରୀ ଓ ସେମାନଙ୍କ କର୍ମଚାରୀ ପାଳନ କରୁଛନ୍ତି ଏହା ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ପଦ୍ଧତି ସ୍ଥାପନ କରାଯାଇଛି।

1.7 କର୍ମଚାରୀମାନଙ୍କର ଏକ ମାଧ୍ୟମ ରହିଛି ଯାହା ମାଧ୍ୟମରେ ସେମାନେ କୌଣସି କାର୍ଯ୍ୟାନୁଷ୍ଠାନର ଭୟ ବ୍ୟତୀତ ନିଜର ଚିନ୍ତା ବ୍ୟକ୍ତ କରିପାରିବେ।

2. ମୁକ୍ତ ଭାବରେ ସମ୍ମତ ହେବା ଅନୁଯାୟୀ ଓ ଆଇନ ଅନୁଯାୟୀ ନିଯୁକ୍ତିର ସର୍ତ୍ତାବଳୀ ଦଲିଲଭୁକ୍ତ ହୋଇନଥିବା ଅନୁଯାୟୀ କାର୍ଯ୍ୟ କରାଯାଉଛି।

କର୍ମଚାରୀମାନଙ୍କର ସମ୍ମାନ, ସ୍ଥାୟୀ ଏବଂ ଅସ୍ଥାୟୀ ଓ ବାହାରୁ ଆହରଣ କରାଯାଉଥିବା କର୍ମଚାରୀମାନଙ୍କ ପାଇଁ ନୀତି ଗ୍ରହଣ କରାଯାଇଛି ଓ ପାଳନ କରାଯାଉଛି ଏବଂ ଅତି କମ୍‌ରେ ନିଯୁକ୍ତି ଚୁକ୍ତି ଅନୁଯାୟୀ ସେମାନଙ୍କ ଅଧିକାରର ସୁରକ୍ଷା କରାଯାଉଛି, ସ୍ଥାନୀୟ ୧, ଜାତୀୟ ଶ୍ରମ ଏବଂ ସାମାଜିକ ସୁରକ୍ଷା ଆଇନ ଏବଂ ନୀତି ଓ ପ୍ରଯୁଜ୍ୟ ମିଳିତ ରାଜିନାମା ଅନୁଯାୟୀ କାର୍ଯ୍ୟକାରୀ କରାଯାଉଛି।

2.1 କର୍ମଚାରୀ/ ଶ୍ରମିକ ସମ୍ପର୍କର ମୁଖ୍ୟ ଅଂଶଗୁଡିକ ଯଥା କାର୍ଯ୍ୟ ନିର୍ଘଣ୍ଟ, ଓଭର ଟାଇମ୍, ଦେୟ, ଲାଭ ୧, ଛୁଟି, ଶୃଙ୍ଖଳାତ୍ମକ ଓ ଆପତ୍ତି ଶୁଣାଣି ପ୍ରଣାଳୀଗୁଡିକ (i) ଉଭୟ ପକ୍ଷଙ୍କ ଦ୍ୱାରା ମୁକ୍ତ ଭାବରେ ସମ୍ମତ (ii) ଲିଖିତ ଭାବରେ ଦଲିଲଭୁକ୍ତ ଏବଂ (iii) କର୍ମଚାରୀ ଓ ଶ୍ରମିକଙ୍କ ଦ୍ୱାରା ସ୍ୱାକ୍ଷରିତ।

2.2 ସର୍ତ୍ତ ଓ ନିୟମାବଳିଗୁଡିକ ଶ୍ରମିକମାନେ ସ୍ୱଷ୍ଟ ଭାବରେ ବୁଝିଛନ୍ତି ଏବଂ ସେମାନଙ୍କୁ ମୌଖିକ ଭାବରେ ଆବଶ୍ୟକ ସ୍ଥଳେ, ସେମାନେ ବୁଝିପାରୁଥିବା ପରି ଭାଷାରେ ବୁଝାଇ ଦିଆଯାଇଛି।
2.3 ଉଭୟେ ନିଯୁକ୍ତିଦାତା ଓ ଶ୍ରମିକଙ୍କ ମଧ୍ୟରେ ପରିବର୍ତ୍ତନଗୁଡିକ ଲିଖିତ ଭାବରେ ସମ୍ମତ ହୋଇଛି।

**3. ସମସ୍ତ ଶ୍ରମିକଙ୍କୁ ସମାନ ଭାବରେ ବିଚାର କରାଯାଉଛି ଏବଂ ସମ୍ମାନ ତଥା ସ୍ୱାଭିମାନ ପ୍ରତି ଦୃଷ୍ଟି ଦିଆଯାଉଛି**

ସମସ୍ତ କର୍ମଚାରୀଙ୍କ ସମ୍ମାନ ତଥା ଆତ୍ମସମ୍ମାନ ପ୍ରତି ଦୃଷ୍ଟି ଦିଆଯାଉଛି। କୌଣସି ଶ୍ରମିକଙ୍କୁ କୌଣସି ପ୍ରକାରେ ଶାରୀରିକ, ଯୌନ, ମାନସିକ/ ମୌଖିକ ନିର୍ଯାତନା ଦିଆଯାଉନାହିଁ, ଦୁର୍ବ୍ୟବହାର କିମ୍ବା ଅନ୍ୟ ପ୍ରକାରର ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନିଯୁକ୍ତି ସହିତ ଭଡ଼ାରେ ଆଣିବା କ୍ଷତିପୂରଣ ଅଗ୍ରିମ ପ୍ରଦାନ, ଶୃଙ୍ଖଳା/ କାର୍ଯ୍ୟରୁ ବହିଷ୍କାର କରିବା କିମ୍ବା ଅବସରରେ କୌଣସି ଭେଦଭାବ କରାଯାଉନାହିଁ। ଜାତି, ଜାତୀୟତାର ଆଧାର ୧ ବର୍ଣ୍ଣ, ଧର୍ମ, ବୟସ, ଅକ୍ଷମତା, ଲିଙ୍ଗ, ବୈବାହିକ ସ୍ଥିତି, ଯୌନ ଭାବନା, ସଂଘର ସଦସ୍ୟତା, ରାଜନୈତିକ ଦୃଷ୍ଟିଭଙ୍ଗୀ/ ସ୍ୱାସ୍ଥ୍ୟ, ଅକ୍ଷମତା ଏବଂ ଗର୍ଭାବସ୍ଥା ଆଧାରରେ କୌଣସି ଭେଦଭାବ ପ୍ରତହିତ କରାଯାଉଛି। ନିର୍ଦ୍ଦିଷ୍ଟ ଭାବରେ ଅଧିକ ଭେଦଭାବର ଆଶଙ୍କା ରହିଥିବା କର୍ମଚାରୀଙ୍କ ଅଧିକାର ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି।

3.1 କୌଣସି ପ୍ରକାରରେ ଜାତି, ଜାତୀୟତା ଉତ୍ପତ୍ତି ୧ ବର୍ଣ୍ଣ, ଧର୍ମ, ବୟସ, ଅକ୍ଷମତା, ଲିଙ୍ଗ, ବୈବାହିକ ସ୍ଥିତି, ଯୌନ ଭାବନା, ସଂଘର ସଦସ୍ୟତା, ରାଜନୈତିକ ଦୃଷ୍ଟିଭଙ୍ଗୀ/ ସ୍ୱାସ୍ଥ୍ୟ, ଅକ୍ଷମତା ଏବଂ ଗର୍ଭାବସ୍ଥା ଆଧାରରେ କୌଣସି ଭେଦଭାବ ନିରାକରଣ ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ ଜଣାଇ ଦେବା ପାଇଁ ବ୍ୟବସ୍ଥା ରହିଛି।
3.2 ଗର୍ଭାବସ୍ଥା ପରୀକ୍ଷା କରିବା କିମ୍ବା ଅନ୍ୟ କୌଣସି ପ୍ରକାରର ସ୍ୱାସ୍ଥ୍ୟ ସ୍କ୍ରିନିଂ ଯାହାକି ଭେଦଭାବ ସୃଷ୍ଟି କରିପାରେ ସେସବୁ ବରଦାସ୍ତ କରାଯାଏ ନାହିଁ।

**4. କାର୍ଯ୍ୟ ସ୍ୱେଚ୍ଛାରେ କରାଯାଇଥାଏ ଏବଂ କୌଣସି ପ୍ରକାରେ ବାଧ୍ୟତାମୂଳକ ଭାବରେ ବା ବଳପୂର୍ବକ ଶ୍ରମିକଙ୍କୁ କାର୍ଯ୍ୟ କରାଯାଇନଥାଏ**

ବଳପୂର୍ବକ କାମ କରାଇବା, ବନ୍ଧକ ଶ୍ରମିକ ଭାବରେ କିମ୍ବା ଅନ୍ୟ ପ୍ରକାରରେ ବାଧ କରି କାର୍ଯ୍ୟ କରାଇବା ଗ୍ରହଣୀୟ ନୁହେଁ। ମାନସିକ ଓ ଶାରୀରିକ ଅତ୍ୟାଚାର, ଦାସତ୍ୱ ଏବଂ ମାନବ ଚାଲାଣ ନିଷେଧ।

4.1 ନିଯୁକ୍ତି ନୀତି, ପଦ୍ଧତି ରହିଛି, ଏବଂ ତାଲିମପ୍ରାପ୍ତ କର୍ମଚାରୀ ରହିଛନ୍ତି ଯେଉଁମାନେ ଶ୍ରମିକମାନେ ସ୍ୱେଚ୍ଛାରେ ନିଯୁକ୍ତିରେ ଯୋଗ ଦେଉଛନ୍ତି ଓ ସମାନ ଆଚରଣ ପ୍ରଦର୍ଶନ କରାଯାଉଛି ଓ ଯଦି ସେମାନେ ବାହାରି ଯିବାକୁ ଚାହାଁନ୍ତି ତେବେ ତାଙ୍କୁ କେବେ ବି ବାଧା ଦିଆଯାଉନାହିଁ ସୁନିଶ୍ଚିତ କରିଥାନ୍ତି।

4.2 ଶ୍ରମିକମାନଙ୍କର ଚଳପ୍ରଚଳ ହେବାର ସ୍ୱାଧୀନତା ରହିଛି ଏବଂ ସେମାନଙ୍କୁ କେବଳ ଯୋଗାଣକାରୀଙ୍କ ପରିସର ମଧ୍ୟରେ ଆବଦ୍ଧ କରି ରଖାଯାଉନାହିଁ।

4.3 ଶ୍ରମିକମାନଙ୍କୁ ତାଙ୍କର ଚିହ୍ନଟକରଣ କାଗଜ ସମର୍ପଣ କରିବା ଆବଶ୍ୟକ ହେବ ନାହିଁ, ଯେଉଁଠାରେ ଚିହ୍ନଟକରଣ କାଗଜ ଧାରଣ କରିବା ଆଇନତଃ ଆବଶ୍ୟକ ହୋଇଥାଏ ସେଠାରେ ସେମାନଙ୍କୁ କାର୍ଯ୍ୟସ୍ଥଳ ତ୍ୟାଗ କରିବାକୁ ପ୍ରତିହତ କରାଯାଇନଥାଏ ଏବଂ ସେମାନଙ୍କ କାଗଜ ତୁରନ୍ତ ନିଯୁକ୍ତି ଶେଷ ହେବା ପରେ ଫେରାଇ ଦିଆଯାଇଥାଏ।

4.4 ଯୋଗାଣକାରୀବୃନ୍ଦ ସୁନିଶ୍ଚିତ କରିବେ ଯେ ରାଜିନାମା ଶ୍ରମିକମାନେ ବୁଝିପାରୁଥିବା ପରି ଭାଷାରେ ରହିଛି।

**5. ସମସ୍ତ ଶ୍ରମିକ ଉପଯୁକ୍ତ ବୟସର ଅଟନ୍ତି**

କୌଣସି ଶିଶୁ ଶ୍ରମିକ ନାହାନ୍ତି ବା କୌଣସି ଶ୍ରମିକଙ୍କର ବୟସ 15 ବର୍ଷରୁ କମ୍ ନୁହେଁ ଏବଂ ସେହି ଦେଶରେ ଶ୍ରମ ଆଇନରେ ନିର୍ଦ୍ଧାରଣ କରାଯାଇଥିବା କାର୍ଯ୍ୟ ପାଇଁ ସର୍ବନିମ୍ନ ବୟସ କିମ୍ବା ଯୋଗାଣକାରୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୌଣସି କାର୍ଯ୍ୟ ପାଇଁ ନିଯୁକ୍ତି ପାଇଁ ବୟସଠାରୁ କମ୍ ବୟସର ନୁହଁନ୍ତି। ଯୋଗାଣକାରୀ ସୁନିଶ୍ଚିତ କରିବେ ଯେ 18 ବର୍ଷ ବୟସରୁ କମ୍ ବୟସର କର୍ମଚାରୀ ବିପଦଜନକ କାର୍ଯ୍ୟସ୍ଥଳରେ କାମ କରିବେ ନାହିଁ ଏବଂ କାମ କରିବାର ସମୟ ଦିନକୁ 8 ଘଣ୍ଟାରୁ ଅଧିକ ହେବ ନାହିଁ ଓ ସେମାନେ ରାତି ସିଫ୍ଟରେ (ରାତି 10ଟାରୁ- ସକାଳ 6ଟା) ପର୍ଯ୍ୟନ୍ତ କାମ କରିବେ ନାହିଁ।

5.1 ନିଯୁକ୍ତି ପାଇଁ ସର୍ବନିମ୍ନ ବୟସ ବର୍ଣ୍ଣନା କରୁଥିବା ଏକ ନିଯୁକ୍ତି ନୀତି ରହିଛି, ଯାହାକି ଏହି ଆଇନ ପ୍ରଚଳନ ପାଇଁ ବୟସ ଯାଞ୍ଚ ମାଧ୍ୟମ (ଯେପରିକି ପରିଚୟପତ୍ର କିମ୍ବା ସରକାର ଜାରି କରିଥିବା ପାସପୋର୍ଟ) ସହିତ ପ୍ରଭାବଶାଳୀ ହୋଇଥାଏ।

5.2 ସମସ୍ତ ପରିସ୍ଥିତିରେ କମ୍ ବୟସର ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ଓ ନିରାପତ୍ତା ପ୍ରତି ଦୃଷ୍ଟି ଦିଆଯାଇଥାଏ ଓ ସୁରକ୍ଷିତ ରଖାଯାଇଥାଏ। ଏହି ସୁରକ୍ଷା ନିର୍ଦ୍ଦିଷ୍ଟ ପ୍ରକାରର କାର୍ଯ୍ୟ ଯଥା ବିପଦଜନକ କାର୍ଯ୍ୟ ତଥା ରାତିରେ କାମ କାର୍ଯ୍ୟ କରିବାରୁ ସୁରକ୍ଷା ପ୍ରଦାନ ସହିତ ଅତିରିକ୍ତ ଯତ୍ନ ଓ ପ୍ରତିଶ୍ରୁତି ଆବଶ୍ୟକ କରେ।

**6. ସମସ୍ତ ଶ୍ରମିକଙ୍କୁ ଉଚିତ୍ ପାରିଶ୍ରମିକ ପ୍ରଦାନ କରାଯାଉଛି**

କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ୟାକେଜ୍ କରାଯାଏ, ଯାହାକି ଅନ୍ତର୍ଭୁକ୍ତ କରେ ମଜୁରୀ, ଓଭରଟାଇମ୍ ଦେୟ, ଲାଭ ଏବଂ ଦେୟଯୁକ୍ତ ଛୁଟି ଯାହାକି ଦେଶର ସର୍ବନିମ୍ନ ଆଇନଗତ ମାନାଙ୍କ ପୂରଣ କରୁଥାଏ କିମ୍ବା ତାହାଠାରୁ ଅଧିକ ହୋଇଥାଏ ଏବଂ କ୍ଷତିପୂରଣ ସର୍ତ୍ତାବଳୀ ଆଇନତଃ ମିଳିତ ଆପୋଷ ବୁଝାମଣା, ରାଜିନାମା ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥାଏ ଓ ପାଳନ କରାଯାଇଥାଏ।

6.1 ଶ୍ରମିକମାନେ ପ୍ରତି ପୈଠ ଅବଧି ପାଇଁ ଏକ ଦେୟ ସ୍ଲିପ୍ ପାଇଥାନ୍ତି, ଯେଉଁଥିରେ ସ୍ୱଷ୍ଟ ଭାବରେ କ୍ଷତିପୂରଣର ଅଂଶଗୁଡିକ ସହିତ ପାରିଶ୍ରମିକର ପ୍ରକୃତ ପରିମାଣ, ଲାଭ, ଭତ୍ତା, ବୋନସ୍ ଏବଂ ଅନ୍ୟାନ୍ୟ କାଟ୍ ସୂଚାଇ ଦିଆଯାଇଥାଏ। ଏହି ପେ ସ୍ଲିପ୍ ବା ଦେୟ ଚିଠା ପ୍ରତ୍ୟେକ ଶ୍ରମିକ ବୁଝିପାରୁଥିବା ଭାଷାରେ (ଗୁଡିକରେ) କରାଯିବ।

6.2 ମଜୁରୀ ଠିକ୍ ସମୟରେ ଏବଂ ସମ୍ପୂର୍ଣ୍ଣ ଭାବରେ ପୈଠ କରାଯାଇଥାଏ।

6.3 ଉପଯୁକ୍ତ ପ୍ରଚଳିତ ଶିଳ୍ପ ମାନାଙ୍କ ଅନୁଯାୟୀ କିମ୍ବା ଅତି କମ୍‌ରେ ସର୍ବନିମ୍ନ ଆଇନଗତ ମାନାଙ୍କ ଅନୁଯାୟୀ ସମସ୍ତ କାର୍ଯ୍ୟ ପାଇଁ କ୍ଷତିପୂରଣ ଦିଆଯାଇଥାଏ।

6.4 ଏହି କ୍ଷତିପୂରଣ ସର୍ତ୍ତାବଳୀ ଆଇନତଃ ଗ୍ରହଣୀୟ ମିଳିତ ମୂଲଚାଲ ରାଜିନାମା ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥାଏ ଓ ତାହା ପାଳନ କରାଯାଇଥାଏ।

6.5 ସମସ୍ତ ଆଇନତଃ ବାଧ୍ୟତାମୂଳକ କାଟ୍‌ଗୁଡିକ ଯଥା ଶୁଳ୍କ କିମ୍ବା ସାମାଜିକ ବୀମା ପ୍ରତି ପୈଠ ଅବଧିରେ ଆଇନତଃ ନିର୍ଦ୍ଧାରିତ ଆକାଉଣ୍ଟରେ କିମ୍ବା ଏଜେନ୍ସିରେ ଓ ଆଇନତଃ ଆବଶ୍ୟକ ଅନୁଯାୟୀ ଜମା କରାଯାଇଥାଏ।

6.6 ଆଇନତଃ ବାଧ୍ୟତାମୂଳକ କାଟ୍‌ଗୁଡିକ ବ୍ୟତୀତ ପାରିଶ୍ରମିକରୁ ଅନ୍ୟାନ୍ୟ କାଟ୍ କେବଳ ଶ୍ରମିକଙ୍କର ପ୍ରକାଶ୍ୟ ଓ ଲିଖିତ ସମ୍ମତି ସହିତ କରାଯାଇଥାଏ।

## 7. ସମସ୍ତ ଶ୍ରମିକଙ୍କ ପାଇଁ କାର୍ଯ୍ୟ ନିର୍ଘଣ୍ଟ ଯଥାର୍ଥ ରହିଥାଏ

ଶ୍ରମିକମାନେ ନିୟମିତ ସମୟରୁ ଅଧିକ ସମୟ କାମ କରିବା ଆବଶ୍ୟକ ହୁଏ ନାହିଁ ଏବଂ ଯେଉଁଠାରେ ଶ୍ରମିକମାନଙ୍କୁ କାମ କରାଯାଇଥାଏ ଓଭର ଟାଇମ୍ ନିର୍ଘଣ୍ଟ ଦେଶର ଶ୍ରମ ଆଇନ ଅନୁଯାୟୀ ଦିଆଯାଇଥାଏ। ସମସ୍ତ ଶ୍ରମିକଙ୍କ ଦ୍ୱାରା ଓଭରଟାଇମ୍ କାର୍ଯ୍ୟ ସ୍ୱେଚ୍ଛାରେ କରାଯାଇଥାଏ।

7.1 ନିୟମିତ ଓ ଓଭରଟାଇମ୍ କାର୍ଯ୍ୟ ନିର୍ଘଣ୍ଟ ପ୍ରଚଳନ ସମ୍ପର୍କରେ ସ୍ୱଷ୍ଟ ନୀତି ରହିଛି, ଯାହାକି ଓଭର ଟାଇମ୍ ନିର୍ଦ୍ଧାରଣ ପଦ୍ଧତି ଓ ଶ୍ରମିକଙ୍କର ସମ୍ମତି ସୁନିଶ୍ଚିତ କରିବାକୁ ବର୍ଣ୍ଣନା କରିଥାଏ।

7.2 ପ୍ରତି ୭ ଦିନ ଅବଧି ମଧ୍ୟରେ ଶ୍ରମିକମାନେ ଅତି କମ୍‌ରେ 24 ଘଣ୍ଟାର ଲଗାତର ବିଶ୍ରାମ ନିର୍ଘଣ୍ଟ ପାଇଁ ହକ୍‌ଦାର ହୋଇଥାନ୍ତି। ଯଦି ଶ୍ରମିକମାନେ ଏକ ବିଶ୍ରାମ ଦିବସରେ ଯଥାର୍ଥ ଭାବରେ ଉତ୍ପାଦନ ଜାରି ରଖିବା ଆବଶ୍ୟକତା ଯୋଗୁଁ କିମ୍ବା କାର୍ଯ୍ୟ ଜାରି ରଖିବା ଆବଶ୍ୟକତା ଯୋଗୁଁ କାମ କରିବା ଆବଶ୍ୟକ ହୁଏ ତେବେ ତାହା ପରେ ପରେ ଶ୍ରମିକ ତୁରନ୍ତ ତତ୍ତୁଲ୍ୟ ଅବଧିର ବିଶ୍ରାମ କ୍ଷତିପୂରଣ ପ୍ରାପ୍ତ କରିବା ଆବଶ୍ୟକ।

7.3 ଯଦି ନିଯୁକ୍ତି ଚୁକ୍ତି ଅନୁଯାୟୀ ଓଭର ଟାଇମ୍ ଅନୁମତି ଦିଏ, ଶ୍ରମିକମାନେ ପ୍ରକାଶ୍ୟରେ ଏଥିପ୍ରତି ସମ୍ମତି ହୋଇଥାନ୍ତି। ସମସ୍ତ ଓଭରଟାଇମ୍ କାର୍ଯ୍ୟ ଶ୍ରମିକଙ୍କ ଦ୍ୱାରା ସ୍ୱେଚ୍ଛାରେ ହୋଇଥାଏ।
7.4 ସମସ୍ତ ଓଭରଟାଇମ୍ ଦେୟ ଅତି କମ୍‌ରେ ଆଇନ ଅନୁଯାୟୀ ବର୍ଣ୍ଣିତ ମୂଲ୍ୟ ଅନୁଯାୟୀ ହୋଇଥାଏ।

**୫. ସମସ୍ତ ଶ୍ରମିକ ସେମାନଙ୍କ ଅଧିକାର ପ୍ରୟୋଗ କରିବା ଏବଂ/କିମ୍ବା ମିଳିତ ଭାବରେ ବ୍ୟବସାୟ କରିବା ଏବଂ ଯେଉଁଠି ଆଇନତଃ ଅନୁମୋଦିତ ମିଳିତ ଭାବରେ ମୂଳଚାଲ କରିବା ପାଇଁ ମୁକ୍ତ।**

ଶ୍ରମିକମାନଙ୍କର ସଂଘ ଗଠନର ସ୍ୱାଧୀନତା ଓ ମିଳିତ ଭାବରେ ମୁଲଚାଲ କରିବାକୁ ସ୍ୱୀକୃତି ଦିଆଯାଏ ଏବଂ ସମ୍ମାନ ଦିଆଯାଏ। କର୍ମଚାରୀମାନଙ୍କୁ କୌଣସି ଅନୁଷ୍ଠାନରେ ଯୋଗ ଦେବାର ଅଧିକାର ପ୍ରୟୋଗ ଯୋଗୁଁ ଦମନ କରାଯାଏ ନାହିଁ ବା ନିର୍ଯାତନା ଦିଆଯାଏ ନାହିଁ।

୫.1 ମ୍ୟାନେଜରବୃନ୍ଦ, ସୁପରଭାଇଜରବୃନ୍ଦ ଏବଂ ରକ୍ଷୀମାନଙ୍କୁ ପ୍ରତ୍ୟେକ ଶ୍ରକିମଙ୍କର ମୁକ୍ତ ଭାବରେ ସଂଘ ଗଠନ ଅଧିକାରକୁ ସମ୍ମାନ ଦେବା ପାଇଁ ତାଲିମ୍ ଦିଆଯାଉଛି।
୫.2 ଶ୍ରମିକମାନେ ତାଙ୍କର ଅଧିକାର ବିଷୟରେ ଜାଣନ୍ତି ଏବଂ ବୁଝିଛନ୍ତି, ସେସବୁ ପ୍ରୟୋଗ କରିବା ପାଇଁ ଯଥେଷ୍ଟ ଆତ୍ମବିଶ୍ୱାସ ଅନୁଭବ କରୁଛନ୍ତି ଏବଂ କୌଣସି ଶ୍ରମିକ କିମ୍ବା ମ୍ୟାନେଜର ତାଙ୍କ ଅଧିକାର ଉପଭୋଗ କରିବାରେ ବାଧା ଦେବେ ନାହିଁ।

**୨. କାର୍ଯ୍ୟ ସ୍ଥଳରେ ଶ୍ରମିକଙ୍କର ସ୍ୱାସ୍ଥ୍ୟ ଓ ନିରାପତ୍ତା ସୁରକ୍ଷିତ ରଖାଯାଇଥାଏ**

କାର୍ଯ୍ୟଜନିତ, କାର୍ଯ୍ୟ ସଂପର୍କିତ ଓ କାର୍ଯ୍ୟ ଅବଧିରେ, କର୍ମଚାରୀଙ୍କ କାର୍ଯ୍ୟ କରିବା ଯୋଗୁଁ ସୃଷ୍ଟି ହେଉଥିବା ଆଘାତ ଏବଂ ଦୁର୍ଘଟଣା ଏଡ଼ାଇବା ପାଇଁ ଏକ ସ୍ୱାସ୍ଥ୍ୟକର ଓ ସୁରକ୍ଷିତ କାର୍ଯ୍ୟସ୍ଥଳ ଯୋଗାଇ ଦିଆଯାଇଥାଏ।

ଯୋଗାଣକାରୀବୃନ୍ଦ ସୁନିଶ୍ଚିତ କରନ୍ତି ଯେ ଯେଉଁ ଗର୍ଭବତୀ ମହିଳାମାନେ ତାଙ୍କର ଗର୍ଭଧାରଣ ବିଷୟରେ କମ୍ପାନୀକୁ ଜଣାଇ ଦେଇଥାନ୍ତି ସେମାନେ ବିପଦଜନକ କାର୍ଯ୍ୟସ୍ଥଳରେ କାମ କରିବେ ନାହିଁ। ଗର୍ଭବତୀ ମହିଳାମାନେ ୫ ଘଣ୍ଟା/ ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ କାମ କରିବେ ନାହିଁ ଏବଂ ସେମାନେ ରାତି ସିଫ୍ଟରେ (ରାତି 10ଟା- ସକାଳ 6ଟା) ମଧ୍ୟରେ କାମ କରିବେ ନାହିଁ। ଯୋଗାଣକାରୀ ଗର୍ଭାବସ୍ଥାର ଫଳସ୍ୱରୂପ ଛଟେଇ, ପଦରୁ ଅବନତି କିମ୍ବା ଦିଆଯାଉଥିବା ସୁବିଧା ହ୍ରାସ କରିବେ ନାହିଁ।

୨.1 ଯୋଗାଣକାରୀ କାର୍ଯ୍ୟସ୍ଥଳରେ ଏବଂ ଏହାର ପରିବେଶରେ ରହିଥିବା ଅନ୍ୟ କୌଣସି ବ୍ୟକ୍ତି ଓ କର୍ମଚାରୀଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ବିପର୍ଯ୍ୟୟକୁ ତତ୍ପରତାର ସହିତ ଚିହ୍ନଟ କରିବେ ଏବଂ ଦୂର କରିବେ କିମ୍ବା ନିୟନ୍ତ୍ରଣ କରିବେ।

୨.2 ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ପାଇଁ ସ୍ୱଷ୍ଟ ଏବଂ ପ୍ରଭାବଶାଳୀ ନୀତି ଓ ପଦ୍ଧତି ସ୍ଥାପନ କରାଯାଇଛି ଏବଂ ସାମୟିକ ବ୍ୟବଧାନରେ ଅଦ୍ୟତନ କରାଯାଉଛି।

୨.3 ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ନୀତି ଏବଂ ପଦ୍ଧତି ବ୍ୟାପକ ଭାବରେ ଜଣାଇ ଦିଆଯାଉଛି।

୨.4 ସମସ୍ତ ଶ୍ରମିକ ଏବଂ ଅନ୍ୟାନ୍ୟ ବ୍ୟକ୍ତି ଯେଉଁମାନେ ବ୍ୟବସାୟ ପରିସରରେ ପ୍ରବେଶ କରନ୍ତି ସେମାନଙ୍କୁ କାର୍ଯ୍ୟସ୍ଥଳରେ ରହିଥିବା ବିପଦ ବିଷୟରେ ଜଣାଇ ଦିଆଯାଇଥାଏ ଏବଂ ଏପରି ବିପଦ ଏଡ଼ାଇବା ପାଇଁ ଯଥେଷ୍ଟ ଜ୍ଞାନ ଓ ବ୍ୟକ୍ତିଗତ ସୁରକ୍ଷା ଉପକରଣ ପ୍ରଦାନ କରାଯାଇଥାଏ।

୨.5 ଏହି ପରିସରରେ ପ୍ରବେଶ କରୁଥିବା କିମ୍ବା ଉତ୍ପାଦ ସହିତ କାରବାର କରୁଥିବା ସମସ୍ତ ବ୍ୟକ୍ତିଙ୍କୁ କୌଣସି ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସମ୍ପର୍କିତ ଘଟଣା ଘଟିଲେ କି କି ଯଥାର୍ଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ସେ ବିଷୟରେ ସଠିକ୍ ଭାବରେ ଜଣାଇ ଦିଆଯାଇଥାଏ।

୨.6 ନିଯୁକ୍ତିଦାତାଙ୍କ ଖର୍ଚ୍ଚରେ ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଇଥାଏ।

୨.7 କର୍ମଚାରୀମାନେ ସୁରକ୍ଷିତ ଭାବରେ ତାଙ୍କର କାର୍ଯ୍ୟ ସଂପାଦନ କରିବା ପାଇଁ ଆବଶ୍ୟକ ତାଲିମ୍ ଗ୍ରହଣ କରିଥାନ୍ତି।

୨.8 ନିରାପଦ ଏବଂ ସ୍ୱାସ୍ଥ୍ୟକର କାର୍ଯ୍ୟକାରୀ ପରିବେଶ ଏବଂ ବାସସ୍ଥାନ ଯୋଗାଇ ଦିଆଯାଇଥାଏ। ଅତି କମ୍‌ରେ ବିଶୁଦ୍ଧ ପାନୀୟ ଜଳ, ଯଥେଷ୍ଟ, ପରିଷ୍କାର ବିଶ୍ରାମ ଗୃହ, ଯଥେଷ୍ଟ ବାୟୁ ଚଳାଚଳ, ଫାୟାର ଏକ୍‌ଜିଟ୍ ବା ଅଗ୍ନିକାଣ୍ଡ ସମୟରେ ପ୍ରସ୍ଥାନ ମାର୍ଗ ଓ ଆବଶ୍ୟକ ସୁରକ୍ଷା ଉପକରଣ, ଏକ ଜରୁରୀକାଳୀନ ସହାୟତା କିଟ୍, ଜରୁରୀକାଳୀନ ଡାକ୍ତରୀ ଯତ୍ନ ପ୍ରତି ଅଭିଗମ୍ୟତା, ପରିଷ୍କାର ପରିଛନ୍ନ ଡାଇନିଂ କ୍ଷେତ୍ର ଓ ଉତ୍ତମ ଭାବରେ ଆଲୋକିତ କାର୍ଯ୍ୟସ୍ଥଳ ପ୍ରଦାନ କରାଯିବା ଆବଶ୍ୟକ।

**10. ଶ୍ରମିକମାନଙ୍କୁ ନିରପେକ୍ଷ ପଦ୍ଧତି ପ୍ରତି ଅଭିଗମ୍ୟତା ପ୍ରଦାନ କରିବା**

ଶ୍ରମିକମାନଙ୍କୁ ସ୍ୱଚ୍ଛ, ନିରପେକ୍ଷ ଏବଂ ଗୋପନୀୟ ପଦ୍ଧତି ପ୍ରଦାନ କରାଯାଇଥାଏ, ଯାହାଫଳରେ ଦ୍ରୁତ, ନିରପେକ୍ଷ ଓ ସମୁଚିତ ଭାବରେ କାର୍ଯ୍ୟସ୍ଥଳରେ ଉପୁଜୁଥିବା ଅସୁବିଧାର ସମାଧାନ ହୋଇଥାଏ।

10.1 ପଦ୍ଧତିଗୁଡିକ (i) ଶ୍ରମିକମାନଙ୍କୁ ଅଭିଯୋଗ, ପରାମର୍ଶ ଏବଂ ଆପତ୍ତି ଦାଖଲ କରିବା ପାଇଁ ପ୍ରଭାବଶାଳୀ, ଅଭିଗମ୍ୟ ବ୍ୟବସ୍ଥା ପ୍ରଦାନ କରିବା (ii) ବିଷୟର ସମ୍ପୂର୍ଣ୍ଣ ତଦନ୍ତ ଆବଶ୍ୟକ, ଏବଂ ଏହା ଫଳରେ ଦ୍ରୁତ ଏବଂ ନିରପେକ୍ଷ ଓ ସମୁଚିତ ସମାଧାନ।

10.2 ଆପତ୍ତି ବ୍ୟବସ୍ଥା ବିଧି ବ୍ୟାପକ ଭାବରେ ଜଣାଇ ଦିଆଯାଇଥାଏ ଏବଂ କୌଣସି ଅଭିଯୋଗର ଗୋପନୀୟତା ପ୍ରତିଶ୍ରୁତି ଦିଆଯାଇଥାଏ (ଯଦି ଇଚ୍ଛା କରାଯାଇଥାଏ) ଏବଂ କୌଣସି ଜବାବୀ ବା ପ୍ରତି କ୍ରୋଧାତ୍ମକ କାର୍ଯ୍ୟାନୁଷ୍ଠାନ ନିଷେଧ କରିଥାଏ।

**11. ବ୍ୟବସାୟ ଏପରି ଢ଼ଙ୍ଗରେ ପରିଚାଳନା କରାଯାଏ ଯାହାକି ପରିବେଶ ପାଇଁ ମଙ୍ଗଳକାରୀ ହୁଏ ଓ ପରିବେଶ ଉପରେ ପ୍ରଭାବ ହ୍ରାସ କରେ**

ଉତ୍ପାଦର ପରିଚାଳନା, ଆହରଣ, ଉତ୍ପାଦନ, ବିତରଣ ଏବଂ ସେବା ଯୋଗାଣ ପରିବେଶର ସୁରକ୍ଷା ଓ ସଂରକ୍ଷଣକୁ ଲକ୍ଷ୍ୟରେ ରଖି ପରିଚାଳନା କରାଯାଇଥାଏ ଏବଂ ଏହା ପରିବେଶ ସମ୍ପର୍କିତ ନୀତି ଓ ନିୟମ ଅନୁଯାୟୀ କରାଯାଇଥାଏ।

11.1 ସମସ୍ତ ଆବଶ୍ୟକ ଆଇନଗତ ଅନୁମତି ଏହାର ପରିଚାଳନା ପାଇଁ ହାସଲ କରାଯାଇଥାଏ।
11.2 ସମସ୍ତ ବ୍ୟକ୍ତିଙ୍କୁ ଆବଶ୍ୟକ ଆଇନଗତ ଆବଶ୍ୟକତା ପାଳନ କରିବା ପାଇଁ ଯଥେଷ୍ଟ ସୂଚନା ପ୍ରଦାନ କରିବାକୁ ତାଲିମ୍ ପ୍ରଦାନ କରାଯାଇଥାଏ।
11.3 ଏକ ପ୍ରଭାବଶାଳୀ ପରିବେଶ ପରିଚାଳନା ଯୋଜନା ସ୍ଥାପନ କରାଯିବା ଉଚିତ୍, ଯାହାଫଳରେ, ଅନ୍ତର୍ଭୁକ୍ତ କରି କିନ୍ତୁ ସୀମିତ ନୁହେଁ, ବିପଦଜନକ ରାସାୟନିକ ପଦାର୍ଥ: ବର୍ଜ୍ୟବସ୍ତୁ, ବର୍ଜ ଜଳ ଏବଂ ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣର ବ୍ୟବହାର; ଜଳ ଓ ଶକ୍ତି ଖର୍ଚ୍ଚ ସହିତ ଆଇନଗତ ସୁସଙ୍ଗତ ବଜାୟ ରଖାଯିବ।

**12. ଅଗ୍ରଗତି ତତ୍ତ୍ୱାବଧାନ ଓ ସୁସଙ୍ଗତ**

ଯୋଗାଣକାରୀ ଥାଇ ୟୁନିଅନ୍ ଗ୍ରୁପ୍ ଏବଂ ଗୌଣ ଅନୁଷ୍ଠାନଗୁଡ଼ିକୁ ଏବଂ ଏହା ଅଧିନରେ ନିଯୁକ୍ତ ଏଜେଣ୍ଟମାନଙ୍କୁ ଆଚରଣ ସଂହିତା ପାଳନ ସୁନିଶ୍ଚିତ କରିବା ପାଇଁ ତତ୍ତ୍ୱାବଧାନକାରୀ କାର୍ଯ୍ୟକଳାପ କରିବାକୁ ଅଧିକାର ପ୍ରଦାନ କରିବେ, ଯାହାକି କାର୍ଯ୍ୟସ୍ଥଳରେ କିମ୍ବା ଉତ୍ପାଦନ ବ୍ୟବସ୍ଥା ଓ ନିଯୁକ୍ତିଦାତା ପ୍ରଦାନ କରିଥିବା ଗୃହର ଅଘୋଷିତ ବା ଆକସ୍ମିକ ଯାଞ୍ଚ ଅନ୍ତର୍ଭୁକ୍ତ କରେ; ଖାତାଗୁଡ଼ିକ ସମୀକ୍ଷା କରିବା ଏବଂ ନିଯୁକ୍ତି ସମ୍ପର୍କିତ ବିଷୟ ରେକର୍ଡ ଯାଞ୍ଚ କରିବା; ଏବଂ କର୍ମଚାରୀଙ୍କ ସହିତ ଏକାନ୍ତରେ ସାକ୍ଷାତକାର। ଉତ୍ପାଦନକାରୀ କାର୍ଯ୍ୟସ୍ଥଳରେ ଆଚରଣ ସଂହିତା ପାଳନ ଦର୍ଶାଇବା ପାଇଁ ଆବଶ୍ୟକ ସମସ୍ତ ଦଲିଲ ପ୍ରସ୍ତୁତ କରି ରଖିପାରନ୍ତି।

**B. ଉଲ୍ଲଙ୍ଘନ ବିଷୟରେ ଜଣାଇବା**

ଏହି ବ୍ୟବସ୍ଥା ଥାଇ ୟୁନିଅନ୍ ଗ୍ରୁପ୍ ଦ୍ୱାରା ଚୁକ୍ତିଭୁକ୍ତ ସମସ୍ତ ଯୋଗାଣକାରୀଙ୍କ ପାଇଁ ପ୍ରଯୁଜ୍ୟ ହୋଇଥାଏ। ଯୋଗାଣକାରୀ ସୁନିଶ୍ଚିତ କରିବେ ଯେ ଏହି ବ୍ୟବସ୍ଥା ଉପଯୋଗାଣକାରୀ କିମ୍ବା ଆଉଟସୋର୍ସିଂ କମ୍ପାନୀଗୁଡ଼ିକୁ ମଧ୍ୟ ପ୍ରଯୁଜ୍ୟ ହେଉଛି, ଯଦି ଏହି ଉତ୍ପାଦ (ଗୁଡ଼ିକ) ଥାଇ ୟୁନିଅନ୍ ଗ୍ରୁପ୍‌କୁ ବିକ୍ରି/ ସର୍ଭିସ୍ ପ୍ରଦାନ କରାଯାଉଥାଏ, ଯାହାକି ସର୍ଭିସ୍ ଆଉଟସୋର୍ସ କରିବା ଆବଶ୍ୟକ କରେ କିମ୍ବା ଯୋଗାଣକାରୀଙ୍କର ଯୋଗାଣକାରୀଙ୍କ ଦ୍ୱାରା ସଂପାଦିତ ହୋଇଥାଏ।

1. ଏହି ନୀତି ପାଳନ କରିବାରେ କୌଣସି ବିଫଳତା (ଥାଇ ୟୁନିଅନ୍ ଗ୍ରୁପ୍‌ର କୌଣସି କର୍ମଚାରୀଙ୍କର କିମ୍ବା ଥାଇ ୟୁନିଅନ୍ ଗ୍ରୁପ୍ ତରଫରୁ କାର୍ଯ୍ୟରତ କୌଣସି ବ୍ୟକ୍ତିଙ୍କ ଦ୍ୱାରା କୌଣସି ଆଇନ ପାଳନରେ ବିଫଳତାକୁ ଅନ୍ତର୍ଭୁକ୍ତ କରି), ଯେଉଁ ବିଷୟରେ ଯୋଗାଣକାରୀ ସଚେତନ ଥାଆନ୍ତି, ତୁରନ୍ତ ଥାଇ ୟୁନିଅନ୍ ଗ୍ରୁପ୍‌କୁ ଜଣାଇବା ଉଚିତ୍। ଏହା କରିବାରେ ବିଫଳ ହେବାକୁ ଏହି ଆଚରଣ ସଂହିତାର ଉଲ୍ଲଙ୍ଘନ ଭାବରେ ବିଚାର କରାଯିବ।

2. ଆମ୍ଭେ ଦୃଢ଼ତାର ସହ ଉଭୟେ ଯୋଗାଣକାରୀ ଏବଂ ତାଙ୍କ ଶ୍ରମିକର କହିବାର ସଂସ୍କୃତିକୁ ସମର୍ଥନ କରୁଛୁ, ଯେଉଁଠାରେ ରିପୋର୍ଟ କରିଥିବା ବ୍ୟକ୍ତି କିମ୍ବା ଉଲ୍ଲଙ୍ଘନ ସନ୍ଦେହ କରାଯାଉଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି ପ୍ରତିକ୍ରିୟାତ୍ମକ କାର୍ଯ୍ୟାନୁଷ୍ଠାନର ଆଶଙ୍କା ନ ଥାଏ।

3. ଥାଇ ୟୁନିଅନ୍ ଗ୍ରୁପ୍ କୌଣସି ରିପୋର୍ଟ କରାଯାଇଥିବା ଅସଂଗତି ବିଷୟରେ ଉତ୍ତମ ବିଶ୍ୱାସର ସହ ଅନୁସନ୍ଧାନ କରିବେ ଏବଂ ପାଇଥିବା ସୂଚନା ବିଷୟରେ ଯୋଗାଣକାରୀଙ୍କ ସହିତ ଆଲୋଚନା କରିବେ। ଯୋଗାଣକାରୀ ଏପରି କୌଣସି ଅନୁସନ୍ଧାନରେ ସାହାଯ୍ୟ କରିବେ ଏବଂ ଯଥାର୍ଥ ଭାବରେ ଅନୁରୋଧ କରାଯାଇଥିବା କୌଣସି ସୂଚନା ପ୍ରତି ଅଭିଗମ୍ୟତା ପ୍ରଦାନ କରିବେ।

4. ଯଦି ସଂଶୋଧନାତ୍ମକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ହୁଏ, ଆଶା କରାଯାଏ ଯେ ଯୋଗାଣକାରୀ ଥାଇ ୟୁନିଅନ୍ ଗ୍ରୁପ୍‌କୁ ଜଣାଇବେ ଏବଂ ଏକ ସଂଶୋଧନାତ୍ମକ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରୟୋଗ କରିବେ ଏବଂ ଏହି ବିଫଳତାର ସମାଧାନ ପାଇଁ ପ୍ରଭାବଶାଳୀ ଭାବରେ ତଥା ତ୍ୱରିତ ସମୟସୀମା ଧାର୍ଯ୍ୟ କରିବେ।

5. ଯୋଗାଣକାରୀବୃନ୍ଦ, ସେମାନଙ୍କ କର୍ମଚାରୀବୃନ୍ଦ କିମ୍ବା କଣ୍ଟ୍ରାକ୍ଟରବୃନ୍ଦ, ଏହି ଆଚରଣ ସଂହିତାର ପ୍ରକୃତ କିମ୍ବା ସନ୍ଦେହ କରାଯାଉଥିବା ଉଲ୍ଲଙ୍ଘନ ବିଷୟରେ ଥାଇ ୟୁନିଅନ୍ ଗ୍ରୁପ୍‌କୁ ଫୋନରେ କିମ୍ବା ଅନଲାଇନରେ ରିପୋର୍ଟ କରିପାରିବେ। ରିପୋର୍ଟଗୁଡିକ ଗୋପନୀୟ ଭାବରେ ଏବଂ ଛଦ୍ମ ନାମରେ (ଯେଉଁଠାରେ ଆଇନ ଅନୁଯାୟୀ ଅନୁମୋଦିତ) ଦାଖଲ କରାଯାଇପାରିବ।

ଏହି ଉଲ୍ଲଙ୍ଘନ ବିଷୟରେ ଜଣାଇବାର ମାଧ୍ୟମଗୁଡିକ ନିମ୍ନ ଅନୁଯାୟୀ ହୋଇଥାଏ:
ଡାଇରେକ୍ଟର ଅଫ୍ ସଷ୍ଟେନେବୁଲ୍ ଡେଭଲପମେଣ୍ଟ
ଥାଇ ୟୁନିଅନ୍ ଗ୍ରୁପ୍
979/ 12 ଫାହୋଲିଓଥିନ୍ ରୋଡ୍, ସାମସେନାଇ, ଫାୟାଥି, ବ୍ୟାଙ୍ଗକକ
ଥାଇଲ୍ୟାଣ୍ଡ
ଟେଲିଫୋନ + 66 (0)2-298-0024
ଫାସିମାଇଲ + 66 (0)2-298-0024

ଇ-ମେଲ: laborCoC@thaiunion.co.th

ପ୍ରୋଜେକ୍ଟ ଆଇଏସଏସଏଆରଏ

ଦାଦନ ଶ୍ରମିକମାନଙ୍କର ଶ୍ରମିକ ଅଧିକାର, ସରକାରୀ ପଞ୍ଜୀକରଣ, ପ୍ରକ୍ରିୟା କିମ୍ବା ଏକ ଘଟଣା ବିଷୟରେ ରିପୋର୍ଟ କରିବା ପାଇଁ କିମ୍ବା 24 ଘଣ୍ଟିଆ ଦେଶବ୍ୟାପି ଶ୍ରମିକଙ୍କ ସହାୟତା ପାଇଁ ଥାଇଲ୍ୟାଣ୍ଡର ୱାର୍କର ହଟ୍ ଲାଇନରେ ସହାୟତା ଅନୁରୋଧ କରନ୍ତୁ:

ମିଆଁମାର ଭାଷା: +66-80-456-5560

ଲାଓ ଏବଂ ଥାଇ ଭାଷା: +66-86-967-2891

ଖମେର ଭାଷା: +66-86-968-6085

ୱେବ୍: www.projectissara.org

6. ଏହି ଆଚରଣ ସଂହିତା ପାଳନ କରିବାରେ ବିଫଳ ହେଲେ କିମ୍ବା ଯୋଗାଣକାରୀଙ୍କ ଚୁକ୍ତି ଆଗୁଆ ସମାପ୍ତ ହେଲେ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ଅନୁମୋଦିତ ସଂଶୋଧନାତ୍ମକ କାର୍ଯ୍ୟାନୁଷ୍ଠାନ କୌଣସି ପୁନଃବିଚାର ବ୍ୟତୀତ ହେବ।

20 ଅଗଷ୍ଟ 2015 ରେ ଘୋଷଣା କରାଯାଇଛି।

**ସ୍ୱାକ୍ଷର କରାଯିବ**

**ପ୍ରାପ୍ତି ସ୍ୱୀକାର ଓ ସ୍ୱୀକୃତି**

ଏହା ପ୍ରମାଣିତ କରୁଛି ଯେ ମୁଁ ଥାଇ ୟୁନିଅନ୍ ଗ୍ରୁପ୍ ବିଜନେସ୍ ନୈତିକତା ଓ ଶ୍ରମିକ ଆଚରଣ ସଂହିତା ସମ୍ପୂର୍ଣ୍ଣ ଭାବରେ ପଢ଼ିଛି ଓ ବୁଝିଛି। ମୋ କମ୍ପାନୀର ଜଣେ ଅଧିକୃତ ପ୍ରତିନିଧି ଭାବରେ, ମୁଁ ଏତଦ୍ ଦ୍ୱାରା ପ୍ରତିଶ୍ରୁତି ଦେଉଛି ଯେ ମୁଁ ନିଜେ ଏବଂ ମୋର କମ୍ପାନୀ ଏହି ଆଚରଣ ସଂହିତା ପାଳନ କରିବୁ ଏବଂ ସମସ୍ତ ନୀତି ସମ୍ପୂର୍ଣ୍ଣ ଭାବରେ ଅନୁସରଣ କରି ଆଗକୁ ବଢ଼ିବୁ।

**ଯୋଗାଣକାରୀ:** ______________________________

ଠିକଣା: ______________________________

**ପ୍ରତିନିଧି:** ______________________________

ସ୍ୱାକ୍ଷର: ______________________________

ତାରିଖ: ______________________________